# ଏପ୍ରିଲ ୩୦ରୁ ମେ ୬ ଯାଏ ପ୍ରାର୍ଥୀପତ୍ର ଦାଖଲ

- ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ୧୫,୦୭,୫୮୯ ଭୋଟର
- ପେଡ୍ ନ୍ୟୁଜ୍ ପ୍ରତି ସ୍ୱତନ୍ତ୍ର ନଜର ରହିବ
- ଆଦର୍ଶ ଆଚରଣବିଧି ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ


ଢେଙ୍କାନାଳ ସଦ୍‌ଭାବନା ଗୃହରେ ସାଧାରଣ ନିର୍ବାଚନକୁ ନେଇ ଖବରଦାତା ସମ୍ମିଳନୀ।

ଢେଙ୍କାନାଳ,୧୭।୩(ରତନ ନାୟାର)

ଚଳିତ ନିର୍ବାଚନରେ ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ରବିବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ଏହା ସ୍ପଷ୍ଟ କରିଛନ୍ତି। ଏଥିସହ ଆସନ୍ତା ମେ ୨୫ରେ ହେବାକୁ ଥିବା ଭୋଟ୍‌ଗ୍ରହଣକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏପରି କି ଚଳିତ ନିର୍ବାଚନରେ ଜିରୋ ରିପୋଲିଂ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ କୁହାଯାଇଛି, ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଢେଙ୍କାନାଳ ରାଜସ୍ୱ ଜିଲାରେ ୪ଟି ଓ ଅନୁଗୋଳ ରାଜସ୍ୱ ଜିଲାର ୩ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ସେଗୁଡିକ ହେଲା ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ, ହିନ୍ଦୋଳ (ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ), କାମାକ୍ଷାନଗର, ପରଜଙ୍ଗ, ପାଲଲହଡା, ତାଳଚେର ଓ ଅନୁଗୋଳ। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ମୋଟ ୧୫ ଲକ୍ଷ ୭ ହଜାର ୫୮୯ ଭୋଟର ରହିଛନ୍ତି। ଢେଙ୍କାନାଳ ରାଜସ୍ୱ ଜିଲାରେ ମୋଟ ଲୋକସଂଖ୍ୟା ୧୩ ଲକ୍ଷ ୮ହଜାର ୧୮୨ ରହିଥିବା ବେଳେ ତନ୍ମଧ୍ୟରେ ଜିଲାରେ ମୋଟ ଭୋଟରଙ୍କ ସଂଖ୍ୟା ୯ ଲକ୍ଷ ୬୭ ହଜାର ୨୯୭। ସେଥିମଧ୍ୟରୁ ୪ ଲକ୍ଷ ୬୮ ହଜାର ୨୨୦ ମହିଳା ଓ ୪ ଲକ୍ଷ ୯୯ ହଜାର ୬ ଜଣ ପୁରୁଷ ଭୋଟର ରହିଛନ୍ତି। ୭୧ଜଣ ତୃତୀୟ ଲିଙ୍ଗୀ ଏବଂ ୧୫,୭୯୦ ଭିନ୍ନକ୍ଷମ ଭୋଟର ରହିଛନ୍ତି। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଭୋଟରଙ୍କ ସଂଖ୍ୟା ୧୦ ହଜାର ୩୩୮ ଓ ୧୮ରୁ ୧୯ ବର୍ଷ ଯୁବ ଭୋଟରଙ୍କ ସଂଖ୍ୟା ହେଉଛି ୧୯ ହଜାର ୫୬୮। ୨୦ରୁ ୨୯ ବର୍ଷ ଭୋଟରଙ୍କ ସଂଖ୍ୟା ହେଉଛି ୧ ଲକ୍ଷ ୮୬ ହଜାର ୩୮। ଢେଙ୍କାନାଳ ଜିଲାରେ ମୋଟ ୧୦୨୦ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ସହରାଞ୍ଚଳରେ ୮୫ ବୁଥ୍ ଓ ଗ୍ରାମାଞ୍ଚଳରେ ୯୩୫ ବୁଥ୍ କରାଯାଇଛି। ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ମହିଷାପାଟ ଇଭିଏମ୍ ୱାୟାରହାଉସ୍, ହିନ୍ଦୋଳର ସରକାରୀ ବାଳିକା ବିଦ୍ୟାଳୟ, କାମାକ୍ଷାନଗର ଓ ପରଜଙ୍ଗର କାମାକ୍ଷାନଗର କଲେଜକୁ ଷ୍ଟ୍ରଙ୍ଗ୍‌ରୁମ କରାଯାଇଛି। ଜିଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବା ବେଳେ ଏପ୍ରିଲ ୨୯ ତାରିଖରେ ଗେଜେଟ୍ ନୋଟିଫିକେଶନ ପରେ ଏପ୍ରିଲ ୩୦ରୁ ମେ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ମେ ୭ରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ମେ ୯ରେ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ମେ ୨୫ରେ ଭୋଟ୍ ଗ୍ରହଣ କରାଯିବା ପରେ ଜୁନ୍ ୪ରେ ଭୋଟ ଗଣତି ହେବ। ଚଳିତବର୍ଷ ନିର୍ବାଚନରେ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ଖର୍ଚ୍ଚ ସୀମା ୯୦ ଲକ୍ଷ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ୪୦ ଲକ୍ଷ ଟଙ୍କା ରହିଛି। ଷ୍ଟାର କ୍ୟାମ୍ପେନରମାନଙ୍କ ଖର୍ଚ୍ଚ ସମ୍ପୃକ୍ତ ରାଜନୈତିକ ଦଳ ବହନ କରିବ। ଭୋଟରମାନଙ୍କୁ କୌଣସି ପ୍ରକାର ପ୍ରଭାବିତ କରାଯିବ ନାହିଁ। ବୁଥକୁ ଆସିପାରୁ ନ ଥିବା ବୟସ୍କ ଭୋଟର ଘରୁ ଭୋଟ୍ ଦେଇପାରିବେ। ଜିଲାରେ ଭିଡିଓ ସର୍ଭିଲାନ୍ସ ଟିମ୍ ଓ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ମୁତୟନ କରାଯିବ। ନିର୍ବାଚନ ସମ୍ପର୍କିତ ସାଧାରଣ ଲୋକଙ୍କ ଅଭିଯୋଗ ଆସିଲେ ୧୦୦ ମିନିଟରେ ଏହାର ସମାଧାନ କରାଯିବ। ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

## ଜନ ଅଭିଯୋଗ ଶୁଣାଣି ବନ୍ଦ ହେଲା

ଢେଙ୍କାନାଳ,୧୭।୩(ରତନ ନାୟାର)

ଜିଲା ପ୍ରଶାସନ ପକ୍ଷରୁ ପ୍ରତି ସପ୍ତାହର ସୋମବାର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେଉଥିବା ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରକୁ ବନ୍ଦ କରାଯାଇଛି। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହେବାପରେ ନିର୍ବାଚନ ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ବନ୍ଦ ରହିବ ବୋଲି ଜିଲାପାଳ ମନୋରଞ୍ଜନ ମଲ୍ଲିକ ରବିବାର ସୂଚନା ଦେଇଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍ କହିଲେ ଯେ, ଜିଲାରେ ୩୦୦ଟି ୱାରେଣ୍ଟ ବାକି ରହିଛି। ଲାଇସେନ୍ସପ୍ରାପ୍ତ ବନ୍ଧୁକଗୁଡିକ ଯାଞ୍ଚ କରାଯାଉଛି। ବେଆଇନ ଭାବେ ରଖିଥିବା ବନ୍ଧୁକ ସମ୍ପର୍କରେ ଖବରନେଇ ଚଢ଼ାଉ ଜାରି ରହିଛି। ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ବେଆଇନ କାର୍ଯ୍ୟକଳାପ ପ୍ରତି ତୀକ୍ଷ୍ଣ ଦୃଷ୍ଟି ପ୍ରଦାନ କରାଯିବା ସହ ନିର୍ବାଚନ ପାଇଁ ଆବଶ୍ୟକ ପୋଲିସ, ସିଆର୍‌ପିଏଫ୍ ମୁତୟନ ହେବେ। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଉପସ୍ଥିତ ଥିଲେ।

# ଗେଙ୍ଗୁଟିଆରେ ୧୮୬ତମ ବାଦିପାଲା

ଢେଙ୍କାନାଳ,୧୭।୩(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମରେ ୧୮୬ତମ ବାଦପାଲା ଗତ ୧୬ ତାରିଖରୁ ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। କୈଳାସ ଚନ୍ଦ୍ର ପାଣି ଓ ଗାୟକପ୍ରଜ୍ଞା କଳାକାର ନାୟକ ପାଲା ପରିବେଷଣ କରୁଛନ୍ତି। ଶ୍ରୀ ସତ୍ୟନାରାୟଣ ଗ୍ରାମ୍ୟ କମିଟିର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଗ୍ରାମର ଉପଦେଷ୍ଟା କମିଟି, ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ରାଉତ, ସମ୍ପାଦକ ନବ କିଶୋର ସାହୁଙ୍କ ସମେତ ଉପଦେଷ୍ଟା କମିଟିର ପ୍ରସନ୍ନ କୁମାର ସାହାଣୀ, ନିତ୍ୟାନନ୍ଦ ମଲ୍ଲିକ, ଆମ ପଞ୍ଚାୟତ ଆମ ବିକାଶ ଅଧ୍ୟକ୍ଷ ରଞ୍ଜନ ମଲ୍ଲିକ, ୧୦ ଗୋଟି ସାହିର ସଭାପତି, କମିଟିର ସକ୍ରିୟ ସଦସ୍ୟଗଣଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି। ୧୫ ତାରିଖରେ ଦେବକାର୍ଯ୍ୟ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ଯଜ୍ଞରେ ମନ୍ଦିର ମାର୍ଫତଦାର ନବ କିଶୋର ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଶାନ୍ତନୁ ମିଶ୍ର, ପୂଜକ ନର ନନ୍ଦ ଓ ସୁକାନ୍ତ ରଥ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।


ଗେଙ୍ଗୁଟିଆରେ ୧୮୬ତମ ବାଦିପାଲା ପରିବେଷଣ କରାଯାଉଛି।

# ମିନାବଜାର ଅଞ୍ଚଳରେ ଅଗ୍ନିକାଣ୍ଡ

ଢେଙ୍କାନାଳ,୧୭।୩(ରତନ ନାୟାର)

ଢେଙ୍କାନାଳ ସହର ମୀନାବଜାର ଅଞ୍ଚଳରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟି ଉଦୟ କୁମାର ପରିଡ଼ାଙ୍କର ଏକ ଟାଇଲଘର ଜଳିଯାଇଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ।

# ଇତିହାସ ଭିତରେ ଲୁଚି ରହିଛି ଆମ ପରିଚୟ



ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

**ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ଉତ୍ସବ**

ଢେଙ୍କାନାଳ,୧୭।୩
(ରତନ ନାୟାର)

ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ଉତ୍ସବ ରବିବାର ଜିଲା ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଜାତିର ଇତିହାସ ହିଁ ତାର ପରିଚୟ। ଇତିହାସର ତର୍ଜମା ଓ ଏକ ନୂତନ ଦୃଷ୍ଟିଭଙ୍ଗୀ ନ ରହିଲେ ଆମ ଗୌରବମୟ ଐତିହ୍ୟକୁ ଆମେ ଅନୁଭବ କରିବା ନାହିଁ। ଇତିହାସ ଭିତରେ ଆମର ପରିଚୟ ଲୁଚି ରହିଛି ବୋଲି ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ନ୍ୟାଶନାଲ ଡିଫେନ୍ସ ଏକାଡେମୀର ଅବସରପ୍ରାପ୍ତ ନିର୍ଦ୍ଦେଶକ ତଥା ବିଶିଷ୍ଟ ଐତିହାସିକ ପ୍ରଫେସର ଡ. ହରିହର ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରି ଜାତୀୟ ଇତିହାସରେ ଓଡ଼ିଶା ଓ ଢେଙ୍କାନାଳର ସ୍ଥାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଆମ ଐତିହ୍ୟର ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ଡ. ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଯୁବରାଜ ଅମରଜ୍ୟୋତି ସିଂହଦେଓ ଢେଙ୍କାନାଳ ମାଟିର ଅତୀତ ଓ ଗୌରବ ସମ୍ପର୍କରେ ଆଲୋକପାତ କରିଥିଲେ। ଐତିହ୍ୟ ପଦଯାତ୍ରାର ଆବାହକ କବି ସୁରେଶ ପ୍ରସାଦ ମିଶ୍ରଙ୍କ ୪ର୍ଥ କବିତା ସଂକଳନ 'କମନୀୟ କାରୁଣ୍ୟ' ଏହି ଅବସରରେ ଲୋକାର୍ପିତ ହୋଇଥିଲା। କବି ଅକ୍ଷୟ ପାତ୍ର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବକୁ କଟକ ହେରିଟେଜ୍ ୱାକ୍‌ର ଆବାହକ ଡ. ଦୀପକ ସାମନ୍ତରାୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମୃଣାଳ ଚାଟାର୍ଜୀ, ଡ. ମଳୟ ପତି, ଅଧ୍ୟାପକ ଅନିଲ ଜେନା, ବିପିନ ପାଣି, ରମେଶ ପତିଙ୍କ ସମେତ ବହୁ ବ୍ୟକ୍ତିବିଶେଷ, ଜିଲାର ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ପିଜି ଛାତ୍ର ଓ ଅନ୍ୟ ବିଭାଗର ଛାତ୍ରୀଛାତ୍ର, ମଠକରଗୋଳା କଲେଜ, ସଂସ୍କାର ଏକାଡେମୀ ଓ ଢେଙ୍କାନାଳ ଭାରତୀୟ ଜନସଂଚାର ସଂସ୍ଥାନର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ସାହିତ୍ୟ ଦ୍ୱାରା ସାମାଜିକ ପରିବର୍ତ୍ତନ ସମ୍ଭବ


ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଜ୍ୟ କାର୍ଯ୍ୟକାରିଣୀ ସମାବେଶରେ ଅତିଥିମାନେ।

ଢେଙ୍କାନାଳ,୧୭।୩(ରତନ ନାୟାର)

**ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଜ୍ୟ କାର୍ଯ୍ୟକାରିଣୀ ସମାବେଶ**

ଢେଙ୍କାନାଳ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସୁନ୍ଦରୀଖାଲଠାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ କର୍ମକର୍ତ୍ତାମାନେ ଯୋଗଦେଇ ସମାଜର ଉପକାରିତା ହିଁ ସାହିତ୍ୟ ବୋଲି ମାନସ ମନ୍ଥନ କରିଥିଲେ। ପରିଷଦ ସଭାପତି ତଥା ନାଇଜର ରେଜିଷ୍ଟ୍ରାର ଡ.ଅଭୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସଂସଦର ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ସଙ୍ଗଠନ ସମ୍ପାଦକ ନାରାୟଣ ନାୟକଙ୍କ ସହିତ ବିଭିନ୍ନ ଜିଲାର କର୍ମକର୍ତ୍ତା ଯୋଗଦେଇ ସମାଜର ଉପକାରିତା ହିଁ ସାହିତ୍ୟ ଓ ସାହିତ୍ୟ ସମାଜର ଦର୍ପଣ। ସାହିତ୍ୟ ସୃଷ୍ଟି ଏଭଳି ହେବା ଦରକାର ଯାହା ସମାଜରେ ପରିବର୍ତ୍ତନର ଧାରା ହୋଇପାରିବ। ସାହିତ୍ୟ ଦ୍ୱାରା ସାମଜିକ ପରିବର୍ତ୍ତନ ହେବା ସହିତ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାଚୀନ ସାହିତ୍ୟ ଉପରେ କର୍ମଶାଳାର ଆୟୋଜନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀରର ସଂଯୁକ୍ତା ପରିଡ଼ା, ବ୍ରହ୍ମପୁରର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଭୁବନେଶ୍ୱରର କାଳୀକିଙ୍କର ପଟ୍ଟନାୟକ, ଭ୍ରମରବର ସାହୁ, ପ୍ରମୋଦିନୀ ଜେନା, ମଧୁସ୍ମିତା ନାୟକ, ନିମାପଡ଼ାର ଶୁଭେନ୍ଦୁ ରାଉତରାୟ, ଅନୁଗୋଳ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ, କେନ୍ଦୁଝରର ଅବିନାଶ ଦାସ, କଟକର ପ୍ରତିଭା ପ୍ରିୟଦର୍ଶିନୀ, ସ୍ୱରପ୍ରିୟା ମିଶ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ଜିଲା ସଭାପତି ଡ.ଦୁର୍ଗାମାଧବ ପୃଷ୍ଟି, ସମ୍ପାଦକ ବାହାଦୁର ପାଟସାହାଣୀ, ନୀଳମଣି ମହାରଣା, ନିବେଦିତା ରଥ, ମଙ୍ଗଳବିଭୂତି ପରିଡ଼ା, ସାଧବ ବାରିକ, ଦୁଷ୍ମନ୍ତ କୁମାର ବାରିକ, ପ୍ରକାଶ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ମହାନ୍ତ, ଦାମୋଦର ମହାନ୍ତ, ଫକୀରମୋହନ ସାହୁ, ଚିନ୍ତାମଣି ନାଥ, ସରୋଜ ଶତପଥୀ, ପ୍ରଭାତି ମହାପାତ୍ର, ରୁଦ୍ରମାଧବ ମହାପାତ୍ରଙ୍କ ଓ ଜିଲା ସଂଯୋଜକ ଅଶୋକ କୁମାର ମହାରଣା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ଗୁରୁଜୀମାନେ ସହଯୋଗ କରିଥିଲେ।

# ତରଭାରେ ରାମଚରିତ ମାନସ କଥାମୃତ


ରାମଚରିତ ମାନସ କଥାମୃତ ପରିବେଷଣ କରାଯାଉଛି।

ଢେଙ୍କାନାଳ,୧୭।୩(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତରଭା ଗ୍ରାମର ହନୁମାନ ପାହାଡ଼ ଉପରେ ଶ୍ରୀଶ୍ରୀ ରାମଚରିତ ମାନସ କଥାମୃତ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରବକ୍ତା ପ୍ରତାପ ନନ୍ଦ, ସୁଶ୍ରୀ ତପସ୍ୱିନୀ ପାତ୍ରୀ, ସୁଶ୍ରୀ ଗିନାରାଣୀ ନାୟକ ପ୍ରମୁଖ ଯୋଗଦେଇ ରାମଚରିତ ମାନସ କଥାମୃତ ପ୍ରବଚନ ପ୍ରଦାନ କରୁଛନ୍ତି। ଏହିକାର୍ଯ୍ୟକ୍ରମରେ ତରଭା ଗ୍ରାମର ମୁଖ୍ୟ ଉପଦେଷ୍ଟା ବିପିନ ସ୍ୱାଇଁ ଏବଂ ସହଯୋଗୀ ଅମ୍ବୁଜ ରାଉତ, ଯଜ୍ଞେଶ୍ୱର ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ଦେବରାଜ ବିଶ୍ୱାଳ, ସମୀର ସ୍ୱାଇଁ, ଅଭୟ ସ୍ୱାଇଁ ଓ ଜଗନ୍ନାଥ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୧୭।୩(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକର ପୂର୍ବତନ ଗ୍ରାମ ସଭାପତି ସ୍ୱର୍ଗତ ଚିନ୍ତାମଣି ପ୍ରଧାନଙ୍କ ସ୍ତ୍ରୀ ରତ୍ନପ୍ରଭା ପ୍ରଧାନ (୭୦)ଙ୍କ ରବିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ସକାଳେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ପରଲୋକକୁ ନେଇ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିଜେଡି ନେତା ନଳିନୀ ପ୍ରଧାନ, ଭାଜପା ନେତା ଭାଗୀରଥି ପ୍ରଧାନ, ଅର୍ଜୁନ ସାହୁ, ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ଶୋକ ପ୍ରକାଶ କରିଛନ୍ତି।

# ରାଜକୀୟ ଖାଦ୍ୟମେଳାରେ ପ୍ରଶଂସା ସାଉଣ୍ଟିଲେ ମ୍ରିନାଲ କୁମାରୀ

**ଢେଙ୍କାନାଳର ବରା, ଘୁଗୁନି ଓ ମଗଜି ପ୍ରସ୍ତୁତ କରିଥିଲେ**

ଢେଙ୍କାନାଳ,୧୭।୩(ରତନ ନାୟାର)



ରାଜକୀୟ ଖାଦ୍ୟ ମେଳାରେ ଅଂଶଗ୍ରହଣ କରିଥିବା ଢେଙ୍କାନାଳ ରାଜପରିବାରର ଯୁବରାଣୀ ମ୍ରିନାଲ କୁମାରୀ (ଡାହାଣରୁ ତୃତୀୟ)।

ଗୁଜରାଟର ଅହମ୍ମଦାବାଦସ୍ଥିତ ସାବରମତୀ ନଦୀକୂଳରେ ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜକୀୟ ଖାଦ୍ୟ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଫୁଡ୍ ଫର ଥଟ୍ ତଥା ଅନୁଚିନ୍ତା ପାଇଁ ଖାଦ୍ୟ–୨୦୨୪ ଶୀର୍ଷକ ଏହି କର୍ମଶାଳାରେ ବାଲାସିନୋରେ, ଛୋଟା ଉଦୟପୁର, ମହାରାଷ୍ଟ୍ର କୋହ୍ଲାପୁରର ମାନ୍‌କାର, ଗଣ୍ଡୋଲ ଏବଂ ଓଡ଼ିଶାର ଢେଙ୍କାନାଳ ରାଜ ପରିବାର ପ୍ରତିନିଧିତ୍ୱ କରିଥିଲେ। ଏହି ମେଳାରେ ଢେଙ୍କାନାଳ ରାଜ ପରିବାରର ସଦସ୍ୟ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସ୍ତ୍ରୀ ଯୁବରାଣୀ ମ୍ରିନାଲ କୁମାରୀଙ୍କ ଦ୍ୱାରା ପ୍ରସ୍ତୁତ ଢେଙ୍କାନାଳର ବରା ଓ ଘୁଗୁନି, ପିଠଉ ବଟାଦିଆ ପାଳଛତୁ ଭଜା, ଛେନାପୋଡ଼, ଫେଣି ଏବଂ ଢେଙ୍କାନାଳ ମଗଜି ପରଷା ଯାଇଥିଲା, ଯାହା କର୍ମଶାଳାରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ସେହିପରି ମୁଖ୍ୟ ଭୋଜନ ପାଇଁ କାନିକା, ଡାଲମା, ଦହି ବାଇଗଣ, ବଡ଼ିଚୂରା, ଘାଣ୍ଟ ତରକାରି, ଶିମ୍ବରାଇ ଓ ଟମାଟୋ ଖଜୁରି ଖଟା ରହିଥିଲା। ଅଧିକ ଚାହିଦା ହେତୁ ଶିମ୍ବରାଇ ଓ ଟମୋଟୋ ଖଜୁରି ଖଟାକୁ ଦୁଇଥର ପ୍ରସ୍ତୁତ କରାଯାଇଥିଲା। ଏହି କର୍ମଶାଳାରେ ଗୁଜରାଟର ମୁଖ୍ୟ ଶାସନ ସଚିବ ରାଜ କୁମାର ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱିନୀ କୁମାର, ସାବରମତୀ ରିଭର ଫ୍ରଣ୍ଟ ଡେଭେଲପମେଣ୍ଟ କର୍ପୋରେଶନ ଅଧ୍ୟକ୍ଷ କେଶବ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ରିନାଲ କୁମାରୀଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ସୂଚନା ଦେଇଛନ୍ତି। ମ୍ରିନାଲ କୁମାରୀ ସୌରାଷ୍ଟ୍ର ୱାଙ୍କାନେର ମହାରାଜ କୁମାର ରଣଜିତ୍ ସିଂହଙ୍କ କନ୍ୟା ହୋଇଥିବା ବେଳେ ଢେଙ୍କାନାଳର ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କ ବଡ଼ବୋହୂ।

# ପାରିବାରିକ କଳହରୁ ଆତ୍ମହତ୍ୟା

ଭୁବନ,୧୭।୩
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଭୁଷଳ ପଞ୍ଚାୟତ ଚଣ୍ଡିପାଳ ଗ୍ରମ ନୂଆ ସାହିର ଅର୍ଜୁନ ବେହେରା (୪୮) ପାରିବାରିକ କଳହରୁ ରବିବାର ଆତ୍ମହତ୍ୟା କରିଛନ୍ତି। ଅର୍ଜୁନଙ୍କ ଦୀର୍ଘଦିନ ହେବ ଆର୍ଥିକ ଅନାଟନରେ ଥିଲେ। ପରିବାର ଚଳାଇବା ପାଇଁ ସେ ବିଭିନ୍ନ ସ୍ଥାନରୁ ଟଙ୍କା ଧାର କରିଥିଲେ। ଦିନକୁ ଦିନ ଅଭାବ ଅନାଟନକୁ ନେଇ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏହି ଘଟଣାକୁ ନେଇ ତାଙ୍କ ସ୍ତ୍ରୀ ଘରଛାଡି ପଳାଇ ଯିବାରୁ ଅର୍ଜୁନ ମାନସିକ ଭାରସ୍ୟାମ ହରାଇ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅନୁଗୋଳ ଜିଲ୍ଲାରେ ୧୬୫ ବୁଥ୍ ସମ୍ବେଦନଶୀଳ

- ବୃଦ୍ଧି କରାଯାଇଛି ଗଣତି ଟେବୁଲ୍ ସଂଖ୍ୟା
- ସୀମାରେ ମୁତୟନ ହେବେ କେନ୍ଦ୍ରୀୟ ବାହିନୀ
- ୬୦ ପ୍ରତିଶତ ବୁଥ୍‌ର ହେବ ୱେବ୍ କାଷ୍ଟିଂ



**ଅନୁଗୋଳ, ୧୭।୩ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲାରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମହମ୍ମଦ ଅବଦଲ ଅଖତାର ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜିଲାପାଳ କହିଛନ୍ତି, ଅନୁଗୋଳ ଜିଲାର ସମସ୍ତ ବିଧାନସଭା ଆସନ ଏବଂ ଢେଙ୍କାନାଳ ଓ ସମ୍ବଲପୁର ଲୋକ ସଭା ଆସନ ପାଇଁ ଷଷ୍ଠ ପର୍ଯ୍ୟାୟରେ ମେ ୨୫ରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଗେଜେଟ୍ ବିଜ୍ଞପ୍ତି ୨୯ ଏପ୍ରିଲ ୨୦୨୪ରେ ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ମେ ୬ ତାରିଖ ରଖାଯାଇଛି। ସେହିପରି ମେ ୯ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବାବେଳେ ୨୫ ତାରିଖରେ ମତଦାନ ଏବଂ ଜୁନ୍ ୪ ତାରିଖରେ ଭୋଟ ଗଣତି ହେବ। ଏହି ଅବସରରେ ଜିଲାପାଳ ଜିଲାସ୍ତରରେ ଖର୍ଚ୍ଚର ମନିଟରିଂ ପାଇଁ ବ୍ୟବସ୍ଥା, ଜିଲାସ୍ତରୀୟ ମିଡିଆ ସାର୍ଟିଫିକେଟ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ସି ଭିଜିଲ ଆପ୍, ସୁବିଧା ପୋର୍ଟାଲ, ଭୋଟର ହେଲପ୍ ଲାଇନ୍ ଆଦି ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଏଥିସହ ଜିଲାରେ ଥିବା ୧,୧୬୨ ମତଦାନ କେନ୍ଦ୍ର ମଧ୍ୟରୁ ୧୬୫ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରଗୁଡ଼ିକରେ ୱେବ୍ କାଷ୍ଟିଂ ସହ କେନ୍ଦ୍ରୀୟ ବାହିନୀ, ମାଇକ୍ରୋ ଅବଜରଭର ଏବଂ ବୁଥ୍‌କୁ କିଏ ଯାଆ ଆସ କରୁଛନ୍ତି, ତାହାର ଭିଡିଓଗ୍ରାଫି କରାଯିବ। ସେହିଭଳି ସହରାଞ୍ଚଳର ଓ ବ୍ଲକ ମୁଖ୍ୟାଳୟରେ ୬୦ଟି ସଖୀ ବୁଥ୍ ମଧ୍ୟ କରାଯିବ। ୨୫ଟି ବୁଥ୍‌କୁ ଯୁବ ବୁଥ୍ କରାଯିବ। ଉକ୍ତ ବୁଥ୍‌ର ପରିଚାଳନା ଦାୟିତ୍ୱରେ ୩୦ ବର୍ଷରୁ କମ୍ କର୍ମଚାରୀମାନେ ରହିବେ। ଏଥିସହ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ସମୟରେ ପୋଷ୍ଟାଲ ବାଲଟ୍‌ରେ ମତଦାନ କରିବେ। ଆସନ୍ତା ନିର୍ବାଚନରେ ବାଲଟ୍ ଭୋଟ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜିଲାପାଳ ଦୃଢ଼ୋକ୍ତି କରିଛନ୍ତି। ଏ ନେଇ ଭୋଟ ଗଣତି କେନ୍ଦ୍ରରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ଭୋଟ ଗଣତି ଟେବୁଲ୍ ସଂଖ୍ୟା ମଧ୍ୟ ପୂର୍ବ ନିର୍ବାଚନ ଅପେକ୍ଷା ଚଳିତଥର ବୃଦ୍ଧି କରାଯାଇଛି। ଫଳରେ ସନ୍ଧ୍ୟା ପୂର୍ବରୁ ଭୋଟ ଗଣତି ଶେଷ ହେବ। ରାଜନୈତିକ ଦଳ ଗୁଡ଼ିକ ବ୍ୟକ୍ତିଗତ, ଜାତି ଓ ଧର୍ମକୁ ନେଇ ଭାଷଣ ଦେଇପାରିବେ ନାହିଁ ବୋଲି ଜିଲାପାଳ ଅଖତାର୍ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧ୍ୟକ୍ଷ ସୁବ୍ରତ କୁମାର ଚାଟର୍ଜୀ, ଡେପୁଟି କେଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମଥର ୫ଜଣ ଆର୍‌ଓ

**ଅନୁଗୋଳ, ୧୭।୩ (ଅମିତ କୁମାର ସାମଲ)**

ସାଧାରଣ ନିବାଚନ ପାଇଁ ଅନୁଗୋଳ ଜିଲାରେ ପ୍ରଥମ କରି ୫ଜଣ ରିଟର୍ନିଂ ଅଫିସର ବା ଆର୍‌ଓଙ୍କୁ ନିୟୋଜିତ କରାଯାଇଛି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କୁ ଆର୍‌ଓ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଅନୁଗୋଳ, ତାଳଚେର, ଆଠମଲ୍ଲିକ ଓ ପାଲଲହଡାରେ ଉପଜିଲାପାଙ୍କୁ ଆରଓ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ୫ଟି ନିର୍ବାଚନମଣ୍ଡଳୀରେ ମୋଟ୍ ୧୦ ଜଣ ଏଆରଓଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଅନୁଗୋଳ ଉପଜିଲାପାଳ ଆର୍‌ଓ ଦାୟିରେ ରହୁଥିଲେ।

## ୨୭, ୬୨୫ ନୂଆ, ୭, ୭୪୮ ବରିଷ୍ଠ ମତଦାତା

**ଅନୁଗୋଳ, ୧୭।୩ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲାରେ ଥିବା ବିଧାନସଭା ଆସନ ଏବଂ ଢେଙ୍କାନାଳ ଓ ସମ୍ବଲପୁର ଲୋକ ସଭା ଅଧୀନରେ ଆସୁଥିବା ନିର୍ବାଚନମଣ୍ଡଳୀରେ ମେ ୨୫ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ଏ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଜିଲାରେ ୮୯୩ଟି ସ୍ଥାନରେ ୧୧୬୨ ବୁଥ୍ ସହ ଗୋଟିଏ ଅକ୍‌ଜୁଲାରୀ ବୁଥ୍ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ରବିବାର ସୂଚନା ପ୍ରଦାନ କରାଯାଇଛି। ଜିଲାରେ ମୋଟ ୯ ଲକ୍ଷ ୭୧ ହଜାର ୮୩୦ ଜଣ ଭୋଟର ରହିଥିବା ବେଳେ ସମାନଙ୍କ ମଧ୍ୟରୁ ୪ ଲକ୍ଷ ୯୯ ହଜାର ୫୭୧ ଜଣ ପୁରୁଷ ଓ ୪ ଲକ୍ଷ ୭୨ ହଜାର ୧୨୩ ଜଣ ମହିଳା ଭୋଟର ଅଛନ୍ତି। ଚଳିତ ନିର୍ବାଚନରେ ୨୭ ହଜାର ୬୨୫ ଜଣ ନୂଆ ମତଦାତା ପ୍ରଥମ କରି ଭୋଟ ଦେବେ। ୭ ହଜାର ୭୪୮ ଜଣ ବରିଷ୍ଠ ନାଗରିକ (୬୦ ବର୍ଷରୁ ଉର୍ଦ୍ଧ୍ୱ) ମଧ୍ୟ ନିଜ ମତଦାନ ସାବ୍ୟସ୍ତ କରିବେ। ଜିଲାରେ ୧୧,୮୩୨ ଭିନ୍ନକ୍ଷମ ଭୋଟର ରହିଥିବାବେଳେ ୧,୧୪୦ ଜଣ ସେନା କିମ୍ବା ଅର୍ଦ୍ଧସାମରିକ ବାହିନୀରେ କାର୍ଯ୍ୟ କରୁଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲାରେ ୧୩୬ ଜଣ କିନ୍ନର ଭୋଟର ରହିଛନ୍ତି। ବୟସ୍କ ଓ ଭିନ୍ନକ୍ଷମମାନେ ଚାହିଁଲେ ସେମାନଙ୍କ ମତଦାନ ଘରେ କରିପାରିବେ। ଏ ନେଇ ପୂର୍ବରୁ ଫର୍ମ -୧୨ ପୂରଣ କରିବାକୁ ପଡ଼ିବ। ଯଦି କୌଣସି ଭିନ୍ନକ୍ଷମ ବା ବରିଷ୍ଠ ମତଦାତା ବୁଥ୍‌କୁ ଆସି ମତଦାନ କରିବାକୁ ଚାହିଁବେ, ସେମାନେ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଯଦି ସେମାନେ ଫର୍ମ-୧୨ ପୂରଣ କରିଥିବେ ତେବେ ଆଉ ମତଦାନ କେନ୍ଦ୍ରକୁ ଆସି ସେମାନେ ନିଜର ମତଦାନ ସାବ୍ୟସ୍ତ କରିପାରିବେ ନାହିଁ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମହମ୍ମଦ ଅବଦଲ ଅଖତାର ସୂଚନା ଦେଇଛନ୍ତି। ତାଳଚେର ନିର୍ବାଚନ ମଣ୍ଡଳୀର କଣ୍ଢାଳଠାରେ ଥିବା ୯୮ ନମ୍ବର ବୁଥ୍‌ରେ ମତଦାତାଙ୍କ ସଂଖ୍ୟା ୧,୫୦୦ ପାର୍ ହେଉଥିବାରୁ ସେଠାରେ ଅକ୍‌ଜୁଲାରୀ ବୁଥ୍ (ମତଦାନ କେନ୍ଦ୍ର ପରିସରରେ ହୋଇଥିବା ଅନ୍ୟ ଏକ କୋଠରୀ) କରାଯିବ। ଏଥିସହ ନିର୍ବାଚନ ଶେଷ ହେବା ପରେ ଭୋଟ ଗଣତି ପର୍ଯ୍ୟନ୍ତ ଜିଲାର ୪ଟି ସ୍ଥାନରେ ଇଭିଏମ୍ ଗୁଡ଼ିକ କଡ଼ା ସୁରକ୍ଷା ବଳୟରେ ରଖାଯିବ। ପାଲଲହଡ଼ା ନିର୍ବାଚନମଣ୍ଡଳୀର ମାଲ୍ୟଗିରି ମହାବିଦ୍ୟାଳୟରେ ଷ୍ଟ୍ରଙ୍ଗରୁମ୍ ଓ ଭୋଟ ଗଣତି କରାଯିବ। ତାଳଚେର ନିର୍ବାଚନମଣ୍ଡଳୀ ପାଇଁ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ପାଇଁ ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ପାଇଁ ଆଠମଲ୍ଲିକ କଲେଜରେ ଷ୍ଟ୍ରଙ୍ଗ ରୁମ୍ କରାଯିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅଖତାର ସୂଚନା ଦେଇଛନ୍ତି।

# ତାଳଚେର, ଆଠମଲ୍ଲିକ ଉପରେ ସ୍ୱତନ୍ତ୍ର ନଜର ନିର୍ଦ୍ଦେଶ

**ଅନୁଗୋଳ, ୧୭।୩ (ଅମିତ କୁମାର ସାମଲ)**

**ବ୍ୟୟବହୁଳ ନିର୍ବାଚନ ନେଇ ନିର୍ବାଚନ କମିଶନଙ୍କ ଆକଳନ**

ଅନୁଗୋଳ ଜିଲାରେ ୫ଟି ବିଧାନସଭା ଆସନ ରହିଛି। ସେଥିରୁ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ୩ଟି ଅନୁଗୋଳ, ତାଳଚେର ଓ ପାଲଲହଡ଼ା ବିଧାନସଭା ଆସନ ରହିଥିବା ବେଳେ ୨ଟି ଆସନ ଛେଣ୍ଡିପଦା ଓ ଆଠମଲ୍ଲିକ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି। ସେଥିମଧ୍ୟରୁ ତାଳଚେର ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀକୁ ଜାତୀୟ ନିର୍ବାଚନ କମିଶନ ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଥିବା ଅନୁଗୋଳ ଜିଲାପାଳ ତଥା ରିଟର୍ନିଂ ଅଫିସର ମହମ୍ମଦ ଅବଦଲ ଅଖତାର ରବିବାର ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ତାଳଚେର ଓ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ହିଂସା ଅପେକ୍ଷା ଅତ୍ୟଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ନିର୍ବାଚନ କମିଶନ ଅନୁମାନ କରୁଛନ୍ତି। ତେଣୁ ଜିଲା ନିର୍ବାଚନ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଆସିଛି। ତେଣୁ ଏହି ୨ଟି ନିର୍ବାଚନମଣ୍ଡଳୀ ଉପରେ ଦୃଷ୍ଟି ରଖିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଢ଼ା ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

# ନିର୍ବାଚନ ପ୍ରକ୍ରିୟାରେ ପବିତ୍ରତା ବଜାୟ ରଖ

**ଅନୁଗୋଳ, ୧୭।୩ (ଅମିତ କୁମାର ସାମଲ)**



**ରାଜନୈତିକ ଦଳଗୁଡ଼ିକ ସହିତ ବୈଠକ**

ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା ପାଇଁ ରାଜନୈତିକଦଳଗୁଡିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ଅନୁଗୋଳ ଜିଲାରେ ହେବାକୁ ଯାଉଥିବା ନିର୍ବାଚନର ବିଭିନ୍ନ କାର୍ଯ୍ୟସୂଚୀ ଯଥା- ନାମାଙ୍କନ ଦାଖଲ, ପ୍ରତ୍ୟାହାର, ନିର୍ବାଚନ ତାରିଖ ଓ ଗଣତି ତାରିଖ ଆଦିର ସମ୍ପର୍କରେ ଉପସ୍ଥିତ ରାଜନୈତିକ ଦଳଗୁଡିକର ପ୍ରତିନିଧିମାନଙ୍କୁ ଜଣାଇଥିଲେ। ସେହିପରି ନିର୍ବାଚନ ଆଚରଣବିଧିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ବୈଠକରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ନିର୍ବାଚନରେ ଦୁର୍ନୀତି ରୋକିବା ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିବା ସହିତ ସମସ୍ତ ଅଂଶୀଦାରଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ସେହିପରି କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ସମ୍ବେଦନଶୀଳ ଅଞ୍ଚଳରେ ଆରକ୍ଷୀ ବାହିନୀର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଉପରେ ଆଲୋଚନା ହୋଇଥିଲା। ରାଜନୈତିକ ଦଳଗୁଡିକର ସଭା, ଶୋଭାଯାତ୍ରା, ପ୍ରଚାର ଆଦି ନିମନ୍ତେ ପ୍ରଶାସନ ଠାରୁ ଆଗୁଆ ଅନୁମତି ନେବାକୁ ସୁବିଧା ପୋର୍ଟାଲ ଜରିଆରେ ଆବେଦନ କରିପାରିବେ। କୌଣସି ସ୍ଥାନରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେଲେ ସି ଭିଜିଲ୍' ଆପ୍ ଜରିଆରେ ପ୍ରଶାସନକୁ ଜଣାଇପାରିବେ ଏବଂ ଏହାର ସମାଧାନ ୧୦୦ ମିନିଟ୍ ମଧ୍ୟରେ ହେବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧ୍ୟକ୍ଷ ସୁବ୍ରତ କୁମାର ଚାଟର୍ଜୀ, ଡେପୁଟି କେଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଭାରତୀୟ ଜନତା ପାର୍ଟିରୁ ଅରୁଣ କୁମାର ବିଶ୍ୱାଳ, ପୱନ ମାଣ୍ଡୋଠିଆ ଓ ଗଙ୍ଗାଧର ପଟ୍ଟନାୟକ, ବିଜୁ ଜନତା ଦଳରୁ ମହେନ୍ଦ୍ର କୁମାର ବଡ଼ିଆ, ସଦାନନ୍ଦ ପଣ୍ଡା, ବିଏସ୍‌ପିରୁ ସତ୍ୟବାନ ଦାସ ଓ ଜାତୀୟ କଂଗ୍ରେସରୁ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହୋ ସମାଜ ପକ୍ଷରୁ ମାଘେ ପର୍ବ ପାଳିତ

**ଡେରଙ୍ଗ/ କଣିହାଁ, ୧୭।୩(ସଚ୍ଚିଦାନନ୍ଦ ପ୍ରଧାନ)**



କଣିହାଁ ବ୍ଲକ ବିରୁ ପଞ୍ଚାୟତସ୍ଥିତ ବାଲିଝରଣଠାରେ ହୋ ସମାଜ ତରଫରୁ ମାଘେ ପର୍ବ ଉତ୍ସାହ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ହୋ ସମାଜ ସଦସ୍ୟ ଡମ୍ବୁରୁଧର ବାଙ୍ଗସିଂ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ନେହ ଶ୍ରଦ୍ଧା ସମ୍ପର୍କ ପ୍ରୟାସର ଅଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ଯୋଗଦେଇ ଆଦିବାସୀଙ୍କ ମହାନ୍ ମାଘେ ପର୍ବର ଶୁଭେଚ୍ଛା ହୋ ସମାଜର ଭଉଣୀ ଓ ଭାଇମାନଙ୍କୁ ଜଣାଇଥିଲେ। ଆଧୁନିକତାରେ ପୁରାତନର ଝଲକ ଅତି ବିରଳ। ଏଭଳି ପାରମ୍ପରିକ ରିତିନୀତି ଯୋଗୁ ଆଦିବାସୀ ଜୀବନରେ ଯେତେ କଷ୍ଟ ଥିଲେ ମଧ୍ୟ ସର୍ବଦା ଖୁସିରେ ରହିଥାନ୍ତି। ଆଦିବାସୀମାନେ ସରଳ, ସହିଷ୍ଣୁ, ନିଷ୍କପଟତା ଗୁଣ ମାତାପିତାଙ୍କ ଠାରୁ ପାଇଥାନ୍ତି ବୋଲି ଅଧ୍ୟକ୍ଷ ସାହୁ ମତବ୍ୟକ୍ତ କରିଥିଲେ। ସ୍ନେହ ଶ୍ରଦ୍ଧା ସଂପର୍କ ପ୍ରୟାସର ସଭାପତି ପ୍ରଦୀପ କୁମାର ସାହୁ, ନିଜିଗଡ଼ ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ପିଙ୍ଗୁଆ, ଗଣେଶ୍ୱର ହାସନ୍ଦା, ହୋ ସମାଜର ଅଲ୍ ଓଡ଼ିଶା ସମ୍ପାଦକ ଚନ୍ଦ୍ରମହନ ମୁଣ୍ଡୁରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ କୁନିକୁନି ପିଲାମାନେ ନାଚଗୀତ କରିଥିବା ବେଳେ ଉପସ୍ଥିତ ମହିଳା ଓ ପୁରୁଷମାନେ ମାଦଳ, ନାଗରା ତାଳରେ ନାଚ ଗୀତକୁ ଉପଭୋଗ କରିଥିଲେ। ଡମ୍ବରୁଧର ବାଙ୍ଗସିଂ, ବନ୍ଧୁରାମ ଜଜ, ସୁରେଶ ବାଙ୍ଗସିଂ, ବନମାଳୀ ଚମ୍ପିଆ, ସୁନିଆ ମୁଣ୍ଡା, ମଙ୍ଗଲ ଚାତାର, ସମ୍ପାନୀ ହେମ୍ବ୍ରମ, ଅଲେଖ ଜଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ହଟିଲା ସରକାରୀ ଯୋଜନା ହୋର୍ଡିଂ

**ଆଠମଲ୍ଲିକ, ୧୭।୩ (ଉଦୀପ୍ତ ପୁରୋହିତ)**

ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଆଠମଲ୍ଲିକ ସହରରୁ ସରକାରୀ ଯୋଜନା ହୋର୍ଡିଂ ହଟାଯାଉଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ହୋର୍ଡିଂ ଓ ଫ୍ଲେକ୍ସ ବ୍ୟାନର ପ୍ରଶାସନ ତରଫରୁ ଖୋଲି ନିଆଯାଇଛି। ସେହିପରି କିଛି ସ୍ଥାନରେ କଂକ୍ରିଟରେ ଲାଗିଥିବା ଷ୍ଟିଲ ବିଜ୍ଞାପନ ବୋର୍ଡକୁ ପଲିଥିନ ଦ୍ୱାରା ଘୋଡ଼ାଇ ଦିଆଯାଉଥିବା ଦେଖାଯାଇଛି। ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଡ. ଜିତେନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ ଏବଂ ସ୍ଥାନୀୟ ପୋଲିସ ଉପସ୍ଥିତିରେ ବିଜ୍ଞାପନ ହୋର୍ଡିଂ ହଟାଯାଇଥିଲା।



ଅନୁଗୋଳ ଜିଲା ଖିଣ୍ଡା ପଞ୍ଚାୟତର ମରଣ୍ଡା ଗ୍ରାମରେ ବାବା ସର୍ପେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା କରାଯାଉଛି।

## ବିଜେଡି ପକ୍ଷରୁ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା, ୧୭।୩(ଅଜିତ ଧଳ)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ସରସ୍ୱତୀ ଶିଶୁ ମନ୍ଦିରରେ ଛେଣ୍ଡିପଦା ବିଜୁଜନତା ଦଳ ପକ୍ଷରୁ ବିଧାୟକଙ୍କ ଜନ୍ମଦିନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବିଜୁ ଜନତା ଦଳର ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ଜିଲା ପରିଷଦ ସଦସ୍ୟ ନଗେନ ପ୍ରଧାନ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସତ୍ୟବ୍ରତ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଛେଣ୍ଡିପଦା ବିକାଶ ସମିତି ସଭାପତି ସୁବାସ ପ୍ରଧାନ, ସୌରଭ ରଞ୍ଜନ ବେହେରା, ସୌମିତ୍ରୀ ରଞ୍ଜନ ବେହେରା, ଅମ୍ବିକା ବେହେରା, ସନ୍ତୋଷ ଦେହୁରୀ, ଆଶିଷ ପ୍ରଧାନ, ଦିଲୀପ ସାହୁ, ଲୁଲୁ ସାହୁ, ଲୋସନ ସାହୁ ପରିଚାଳନା କରିଥିଲେ। ବ୍ଲକ ଉପାଧକ୍ଷା ଝରଣା ସ୍ୱାଇଁ, ମହିଳା ସଭାପତି ତୃପ୍ତିମଞ୍ଜରୀ ଗଡ଼ନାୟକ, ନନ୍ଦିନୀ ପ୍ରଧାନ, ପରେଶ ମାଝି, ଅମରେଶ ନାଥ, ଅନୁସୟା ସାହୁ, ପ୍ରଣତି ପ୍ରଧାନ, ଉଦିତ୍ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ।



ଛେଣ୍ଡିପଦା ବିଜେଡି ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

## ରୋଲର୍ ସ୍କେଟିଂ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ତାଳଚେର, ୧୭।୩ (ମନୋଜ ନନ୍ଦ)**

ଜୁନିଅର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖା ପକ୍ଷରୁ ଏକ ୭ ଦିନିଆ ରୋଲେର ସ୍କେଟିଂ ପ୍ରଶିକ୍ଷଣ ଶିବିର ଡେରାସ୍ଥିତ ଜଗନ୍ନାଥ ଏରିଆ ଡିଏଭି ସ୍କୁଲଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରକୁ ଡିଏଭି ପ୍ରିନ୍ସିପାଲ ଶୁକ୍ଳା ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ତାଳଚେରର ବିଭିନ୍ନ ସ୍କୁଲରୁ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି ବୋଲି ବାସୁଦେବ ସାହୁ ସୂଚନା ଦେଇଛନ୍ତି। ନାଗପୁରରୁ ଆସିଥିବା ଅନ୍ତର୍ଜାତୀୟ ପ୍ରଶିକ୍ଷକ ରବିନ୍ଦ୍ର ମିସଲ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଥିବା ଜେସିଆଇ ସଭାପତି କୁଶଳ ଅଗ୍ରୱାଲ କହିଛନ୍ତି। ସ୍କେଟିଂ କରିବା ଦ୍ୱାରା ପିଲାଙ୍କ ବାଲାନସିଙ୍ଗ ବଢ଼ିବା ସହ ୧୦୬ ଗୋଟି ଶାରୀରିକ ବ୍ୟାୟାମର ଲାଭାନ୍ୱିତ ହୋଇଥାନ୍ତି ବୋଲି ପ୍ରଶିକ୍ଷକ ମିଶାଲ ସୂଚନା ଦେଇଛନ୍ତି। ଶିବିରରେ ଯୋଗଦେବାକୁ ଇଚ୍ଛୁକ ଛାତ୍ରୀଛାତ୍ର ଜଗନ୍ନାଥ ଏରିଆ ଡିଏଭି ସ୍କୁଲକୁ ଆସି ନାମ ପଞ୍ଜୀକରଣ କରି ଯୋଗଦାନ କରିପାରିବେ ବୋଲି ଜେସିଆଇ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଗିରି ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ସ୍କୁଲ ଭାଇସ ପ୍ରିନ୍ସପାଲ ଚକ୍ରବର୍ତ୍ତୀ ସାର୍, ଖେଳ ଶିକ୍ଷକ ବୀରେନ୍ଦ୍ର ସାମନ୍ତ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଜେସିଆଇର ପୂର୍ବତନ ଜୋନ ସଭାପତି ଆଶିଷ ଅଗ୍ରୱାଲ, ପ୍ରତାପ ବାରିକ, ନାନ୍ଦ ଲାଲ ଅଗ୍ରୱାଲ, ପଲ୍ଲବୀ ଅଗ୍ରୱାଲ, ରଶ୍ମି ଅଗ୍ରୱାଲ ଏବଂ ତାଳଚେର ଜେସିଆଇର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



୭ ଦିନିଆ ରୋଲେର ସ୍କେଟିଂ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀମାନେ।

# ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ଗାଡ଼ିରେ ନେଲେ ଯୁବନେତା

ଛେଣ୍ଡିପଦା, ୧୭।୩(ଅଜିତ ଧଳ)/ ଅନୁଗୋଳ, (ଅମିତ୍ ସାମଲ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଦେଇ ଯାଇଥିବା ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥ କଙ୍କରେଇ ବାରଗଡିଆ ପୋଲ ନିକଟସ୍ଥ ବୁଲାଣିରେ ରବିବାର ଏକ କାର୍ ଗଛରେ ପିଟି ହୋଇଯାଇଥିଲା। ଏଥିରେ ଚାଳକ ଚାଳକ କରଡାବାହାଳ ଗ୍ରାମର ତାପସ ପ୍ରଧାନ ଗୁରୁତର ହୋଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ତଥା ରାଜ୍ୟ ସରକାରଙ୍କ ବସୁଧା ଯୋଜନାର ଉପଦେଷ୍ଟା ଦୀନେଶ ପ୍ରଧାନ ଗୁରୁତର ଚାଳକଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିବା ସହ ନିଜ ଗାଡ଼ିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଚାଳକ ତାପସ ଗାଡ଼ି ନେଇ ଦ୍ରୁତଗତିରେ ଅନୁଗୋଳ ଆଡକୁ ଯାଉଥିବା ବେଳେ ଛେଣ୍ଡିପଦା-ଅନୁଗୋଳ ୬୩ନଂ. ରାଜ୍ୟ ରାଜପଥ କଙ୍କରେଇ ବାରଗଡିଆ ପୋଲ ନିକଟସ୍ଥ ବୁଲାଣିରେ ଭାରସାମ୍ୟ ହରାଇ ୫ଫୁଟ୍ ତଳକୁ ଖସିଯିବା ସହିତ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ତାପସ କାର୍ ଭିତରେ ଚାପି ହୋଇ ଯାଇଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।



# ଶୃଙ୍ଖଳିତ ଜୀବନ ଉପରେ ଆଲୋକପାତ



ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ମିଳନୀରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ, ୧୭।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପାରିମାଳ ଅବସରପ୍ରାପ୍ତ କର୍ମଚାରୀ ଭବନ ପଣ୍ଡୁଆଠାରେ ଜିଲାସ୍ତରୀୟ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜୟକୃଷ୍ଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଗିରିଜାକାନ୍ତ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମିଶ୍ର, ଶ୍ରୀକାନ୍ତ ସାହୁ ଯୋଗଦେଇ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ କାର୍ଯ୍ୟଦକ୍ଷତା ଏବଂ ଶୃଙ୍ଖଳିତ ଜୀବନ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଢେଙ୍କାନାଳ ଜିଲାର ୮ଟି ବ୍ଲକରୁ ୪୫ଜଣ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ପ୍ରତିବର୍ଷ କରାଯିବା ପାଇଁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ଜିଲାର ୮ଗୋଟି ବ୍ଲକର ଅବସରପ୍ରାପ୍ତ ଶିକ୍ଷକ, ଅରକ୍ଷିତ ପାଣି, ଅଶୋକ ଭୂତିଆ, ବିଜୟ ଦେହୁରୀ, ପ୍ରାଣବନ୍ଧୁ ସାହୁ, ସନ୍ତୋଷ ପରିଡ଼ା, ମନ୍ତ୍ରୀବର ସାହୁ, ରବିନାରାୟଣ ରାଉତ, ଶରତ ଚନ୍ଦ୍ର ନାୟକ, ମାୟାଧର ସାହୁ ପ୍ରମୁଖ ଅନେକ ବରିଷ୍ଠ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା ପରିଚାଳନା କରିଥିବା ବେଳେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଶାନ୍ତ କୁମାର ଧଳ ଧନ୍ୟବାଦ ଦେଇଥିଲେ।

# ଡକାୟତ ଗ୍ୟାଙ୍ଗ୍‌ର ୯ ସଦସ୍ୟ ଗିରଫ

ଛେଣ୍ଡିପଦା, ୧୭।୩(ଅଜିତ ଧଳ)

ଛେଣ୍ଡିପଦା ଥାନା କଙ୍କୁରପାଳ ଗ୍ରାମ ନିକଟରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍‌ର ୯ ସଦସ୍ୟଙ୍କୁ ଛେଣ୍ଡିପଦା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ସଦସ୍ୟଙ୍କ ମଧ୍ୟରୁ ୨ ଜଣ ଛେଣ୍ଡିପଦା ଥାନା ଅଧୀନ କଙ୍କୁରପାଳ ଗ୍ରାମର ହୋଇଥିବାବେଳେ ଅନ୍ୟ ୭ ଜଣ ବିହାର ରାଜ୍ୟର ବୋଲି ପୋଲିସ କହିଛି। ଗିରଫ ସଦସ୍ୟମାନେ ହେଲେ କଙ୍କୁରପାଳ ଗ୍ରାମର ବବୁନ କୁମାର ବେହେରା (୩୧), ପପୁନ କୁମାର ବେହେରା (୩୦), ବିହାର ରାଜ୍ୟର ପରିଛନ ସାନି (୩୦), ଅମନ କୁମାର (୧୯), ବିଜୟ ଉଫ କରିଟେକ (୨୨), ଏମ୍‌ଡି ଅରବାଜ ଅଲ୍ଲୀ (୨୧), ରବୀନ୍ଦ୍ର କୁମାର (୩୪), ଦୀପକ କୁମାର (୨୦), ରାମଶଙ୍କର କୁମାର (୧୯)। ପୋଲିସ କହିଛି, ଛେଣ୍ଡିପଦା ଥାନା ଏସ୍‌ଆଇ ପରମାନନ୍ଦ ନାୟକ ରାତିରେ ପାଟ୍ରୋଲିଂ କରୁଥିବାବେଳେ ଛେଣ୍ଡିପଦାରୁ କଙ୍କୁରପାଳ ଯାଇଥିବା ରାସ୍ତାରେ ଯାତାୟାତ କରୁଥିବା ଯାନବାହାନ ଗୁଡିକରୁ ୯ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିଲେ। ଖବରପାଇ ପୋଲିସ କଙ୍କୁରପାଳ ଗ୍ରାମ ନିକଟସ୍ଥ ପଡିଆରେ ଚଢ଼ାଉ କରି ୯ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଖଣ୍ଡା, ତର୍‌ୱାଲ ଜବତ ହୋଇଛି। ଏ ନେଇ ନଂ.୧୩୧/୨୪ରେ ମାମଲା ରୁଜୁ କରାଯାଇଛି।



ଗିରଫ ହୋଇଥିବା ଅଭିଯୁକ୍ତମାନେ।

# ଓଡ଼ାପଡ଼ା ବିକାଶ ପରିଷଦର ବୈଠକ

ଓଡ଼ାପଡ଼ା, ୧୭।୩(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ଗୁଣ୍ଡିଚା ମନ୍ଦିର ପରିସରରେ ଓଡ଼ାପଡ଼ା ବିକାଶ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ରେବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗଣେଶ୍ୱର ରାଉତ, ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇ ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ଦିବଂଗତ ସଦସ୍ୟ ସ୍ୱର୍ଗତ ନିତ୍ୟାନନ୍ଦ ନାୟକ, ହରିଶ ନାୟକ ଓ ରୋହିତ କୁମାର ପୃଷ୍ଟିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା। ପରେ ଓଡ଼ାପଡ଼ା ଅଞ୍ଚଳରେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଏବଂ ପରିଷଦକୁ ପଞ୍ଜୀକରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଉମ୍ବରୁଧର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।




ହିନ୍ଦୋଳ ରୋଡ୍ ଗୁଣ୍ଡିଚା ମନ୍ଦିର ପରିସରରେ ଓଡ଼ାପଡ଼ା ବିକାଶ ପରିଷଦର ବୈଠକ ଅନୁଷ୍ଠିତ ହେଉଛି।

# ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୧୭।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ବାଲିଆମ୍ବ ଗ୍ରାମର ସୁରେଶ ମାହାରଙ୍କୁ ସେହି ଗ୍ରାମର ରସବତୀ ମାହାର, ପାଣ୍ଡୁ ମାହାର, ଜନ୍ମ ମାହାର, ସ୍ୱପ୍ନା ମାହାର ଏକ ଠେଙ୍ଗାରେ ଆକ୍ରମଣ କରିଥିବା ସୁରେଶ ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ଏ ନେଇ ପୋଲିସ ନମ୍ବର ୧୧୬/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି, ସୁରେଶ ଘରେ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମାରିବା ସହ ତାଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବୈଠକ



ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବୈଠକରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ, ୧୭।୩(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ଶ୍ୟାମାଚରଣପୁର ଶେୟାର ସଭାଗୃହଠାରେ ଢେଙ୍କାନାଳ ଜିଲାର ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସଂଘର ଅଧକ୍ଷ ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର ୩୫ଜଣ ସଭ୍ୟ ଯୋଗଦାନ କରି ନିଜ ମତାମତ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଭାପତି ଭାବେ ଅକ୍ଷୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦୀପ କୁମାର ମିଶ୍ର ଏବଂ ଗୋବର୍ଦ୍ଧନ ସାହୁ, ସମ୍ପାଦକ ଭାବେ ବ୍ରହ୍ମାନନ୍ଦ ନାଏକ, କୋଷାଧକ୍ଷ ଭାବେ ଅକ୍ଷୟ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା। ଯୁଗଳ କିଶୋର ଦାସ ଓ ନିତ୍ୟାନନ୍ଦ ପତିଙ୍କୁ ଯୁଗ୍ମ ସମ୍ପାଦକ ଭାବରେ ମନୋନୀତ କରାଯାଇଥିଲା। ସଭାପତି ଓ ସମସ୍ତ ସଭ୍ୟ ବୈଠକରେ ପ୍ରସ୍ତାବ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ।

# ବାମୁରରେ ବିଜେଡିର କର୍ମୀ ସମ୍ମିଳନୀ

ବଇଣ୍ଡା, ୧୭।୩(ପରିକ୍ଷିତ ସାହୁ)

ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବାମୁର ପଞ୍ଚାୟତ ଡଙ୍ଗାପାଳଠାରେ ରବିବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ପରାମର୍ଶ ଦେବା ସହ ଗ୍ରାମାଞ୍ଚଳରେ ଥିବା ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ନବୀନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ରୁନୁବାଳା ବେହେରା, ଖଗେଶ୍ୱର ପ୍ରଧାନ, ପଦ୍ମଲୋଚନ ଲୁହା, ହୀରା ବେହେରା, ବବ୍ରୁବାହାନ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।




କର୍ମୀ ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

# ଆମ ସଂସ୍କୃତି ଆମ ପରିଚୟ କାର୍ଯ୍ୟକ୍ରମ




ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର, ୧୭।୩ (ଅମଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ଖେଳ ପଡିଆଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଢେଙ୍କାନାଳ ପକ୍ଷରୁ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ସମ୍ମାନିତ ଅତିଥି ଭାବେ କରଗୋଳା ସରପଞ୍ଚ ତାପସ ପାଣି, ମଞ୍ଚାସୀନ ଅତିଥି ଭାବେ ରାଇବୋଲ ସରପଞ୍ଚ ଶାନ୍ତନୁ ସାହୁ, ବାଲିକୁମା ସରପଞ୍ଚ ଜାନକୀ ବାଗେ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ମିଶ୍ର, ମିଳିତ ଆଦିବାସୀ ସଂଘର୍ଷ ମଞ୍ଚ ସଭାପତି ପ୍ରତାପ ଚନ୍ଦ୍ର ମାରାଣ୍ଡି, ଜନଜାତି ଉନ୍ନୟନ ପରିଷଦର ମୁଖ୍ୟ ଯୋଗ ଦେଇଥିଲେ। ଆଦିବାସୀ ଭଉଣୀଭାଇମାନଙ୍କୁ ସେମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର, ପୋଷାକ ଓ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିସହିତ ହୋ ଓ ମୁଣ୍ଡା ସମ୍ପ୍ରଦାୟକୁ ସମ୍ମାନିତ କରାଯାଇଥିଲା। ଶେଷରେ ଜନଜାତି ସମ୍ପ୍ରଦାୟର ଲୋକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବୃଦ୍ଧାଶ୍ରମରେ ଜନ୍ମଦିନ ପାଳିଲେ ବିଧାୟକ

ଛେଣ୍ଡିପଦା, ୧୭।୩(ଅଜିତ ଧଳ)

ଛେଣ୍ଡିପଦା ସଦର ମହାକୁମାରେ ଥିବା ବୃଦ୍ଧାଶ୍ରମରେ ରବିବାର ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ତାଙ୍କ ନିଜ ଜନ୍ମଦିନ ପାଳନ କରିଛନ୍ତି। ବିଧାୟକ ପ୍ରଥମେ ଛେଣ୍ଡିପଦା ସ୍ଥିତ ବୃଦ୍ଧାଶ୍ରମକୁ ଯାଇଥିଲେ। ସେଠାରେ ଥିବା ଅନ୍ତେବାସୀଙ୍କ ଗହଣରେ କେକ୍ କାଟି ସେମାନଙ୍କ ଗହଣରେ ସମୟ ଅତିବାହିତ କରିଥିଲେ। ଏହାପରେ ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଆଇନଜୀବୀ ନଗେନ ନନ୍ଦ, ଶରତ ପ୍ରଧାନ, ଜୟନ୍ତ ସାହୁ, ତ୍ରିନାଥ ବେହେରା, ସତ୍ୟବ୍ରତ ଦେହୁରୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।



ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ବିଧାୟକ ନୂତନ ବସ୍ତ୍ର ପ୍ରଦାନ କରୁଛନ୍ତି।

# ଆତ୍ମରକ୍ଷା ସଚେତନତା ଶିବିର

ଢେଙ୍କାନାଳ, ୧୭।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଶନିବାର କିଶୋରୀ ବାଳିକାମାନଙ୍କ ନିମନ୍ତେ ଆତ୍ମରକ୍ଷା କୌଶଳ ସମ୍ବନ୍ଧୀୟ ଏକ ଦିନିକିଆ ତାଲିମ ଶିବିର କାଣ୍ଡବିନ୍ଧା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁପରଭାଇଜର ତପସ୍ୱିନୀ ପୃଷ୍ଟିଙ୍କ ସମେତ ଯାଞ୍ଚ କମିଟି ସଭାପତି, ପଞ୍ଚାୟତ ସମିତି ସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଏଏନ୍‌ଏମ୍, ଆଶା ଓ ଅଙ୍ଗନୱାଡି କର୍ମୀ ଏବଂ ଶତାଧିକ କିଶୋରୀ ବାଳିକା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନିଜସ୍ୱ ସୁରକ୍ଷା ପାଇଁ ନିଜେ ସଚେତନ ହେବା ସହ ବିଭିନ୍ନ କୌଶଳ ଆପଣାଇ ଅଭ୍ୟାସ କରିବା ପାଇଁ କିଶୋରୀ ବାଳିକାମାନଙ୍କୁ ଅତିଥିମାନେ ବୁଝାଇଥିଲେ। ଏହି ତାଲିମ ଶିବିରକୁ ପ୍ରଶିକ୍ଷିକା ପ୍ରତିକ୍ଷା ତ୍ରିପାଠୀ ପରିଚାଳନା କରିଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଆତ୍ମରକ୍ଷା ସଚେତନତା ଶିବିରରେ ପ୍ରମାଣପତ୍ର ପାଇଥିବା ବାଳିକାମାନେ।

# ଶିବିରରେ ୮୫ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ, ୧୭।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ଏନ୍‌ଟିପିସି ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ବ୍ରିଜମୋହନ ସିଂ, ସନ୍ତୋଷ କୁମାର ସାହୁ, ବିରୁପାକ୍ଷ ବିଶ୍ୱାଳ, ସୁନୀଲ କୁମାର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ବିଜିଗୋଳ ସୁରକ୍ଷା ସଂଘ, ଓଡ଼ିଶା ଡ୍ରାଇଭର ମହାସଂଘ, ଲକ୍ଷ୍ମୀ ନାରାୟଣ ଯୁଥ ଟ୍ରଷ୍ଟ, କଣିହାଁ ଶାଖା ଉତ୍କଳ ସାମ୍ବାଦିକ ସଂଘ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ, ଏନ୍‌ଟିପିସି ବଣିକ ସଂଘ ପ୍ରମୁଖ ସହଯୋଗ କରିଥିଲେ। ଉପଖଣ୍ଡ ରକ୍ତ ଭଣ୍ଡାର ସଂଯୋଜକ ବଳରାମ ପତି, ଟେକ୍ନିସିଆନ କୁମୁଦ ସାହୁ ଓ ଗୋପାଳ ବେହେରା, ପଦ୍ମିନି ସାହୁ, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାଏକ, ପଦି ମହାପାତ୍ର ପ୍ରମୁଖ ରକ୍ତଭଣ୍ଡାର କର୍ମଚାରୀ ରକ୍ତସଂଗ୍ରହ କରିଥିଲେ। କଣିହାଁ ମହାବିଦ୍ୟାଳୟ ଅଧ୍ୟାପକ ସତ୍ୟନାରାୟଣ ପରିଡା ୪୨ଥର ଏବଂ ଅଧ୍ୟାପିକା ସାଗରିକା ମଲ୍ଲିକ ୨୫ଥର ଏବଂ ରକ୍ତଦାତା ତ୍ରିନାଥ ଓତା ୮ଥର ପାଇଁ ରକ୍ତଦାନ କରିଥିଲେ। ଏହି ଅବସରରେ ବିଜିଗୋଳ ସୁରକ୍ଷା ସଂଘ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଜିଗୋଳ ସୁରକ୍ଷା ସଂଘ ପୂର୍ବତନ ସଭାପତି ଟିକନ ସାହୁ, ସାଧାରଣ ସମ୍ପାଦକ ହେମନ୍ତ ପ୍ରଧାନ, କୋଷାଧକ୍ଷ ସୁଲେନ ଧର, ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ଧୀରେନ ବିଶ୍ୱାଳ, ସରୋଜ ସାହୁ, ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସଭାପତି କଷ୍ଟୁଚରଣ ସାମଲ, ଉପସଭାପତି ଅଲେଖ ଭୂତିଆ ଓ ଟୁନା ସାହୁ, କୋଷାଧକ୍ଷ ମହେଶ୍ୱର ନାଏକ, ଟୋଲୋକବେଡା ଲକ୍ଷ୍ମୀନାରାୟଣ ଯୁଥ ଟ୍ରଷ୍ଟର ବବୁଲ ପ୍ରଧାନ, ଦୀପକ ବାରିକ, ପିଣ୍ଟୁ ସାହୁ ଏବଂ ଶିବପ୍ରସାଦ ରାଉତ, ଶ୍ରବଣ କୁମାର ସାହୁ, ରୁପକ ପାଣି, ବେଣୁଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।



